# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**06 June - 2024**

**News Editor : *Itishree Singh Rathaur***

**************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାରେ ନୂତନ ବିଧାନସଭା ଗଠନ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ

— ରାଜ୍ୟପାଳଙ୍କୁ ନିର୍ବାଚନ ଫଳାଫଳ ରିପୋର୍ଟ ପ୍ରଦାନ କଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ

- ଦିଲ୍ଲୀରେ ଆସନ୍ତାକାଲି ବିଜେପିର ସଂସଦୀୟ ଦଳ ବୈଠକ; ଓଡ଼ିଶାରୁ ନିର୍ବାଚିତ ବିଜେପି ସାଂସଦମାନେ ଯୋଗଦେବେ

- କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଦେଶରେ ଗ୍ରୀଷ୍ମପ୍ରବାହ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଏବଂ

- ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗର ସୂଚନା

## ନିର୍ବାଚିତ ସାଂସଦ - ଦିଲ୍ଲୀ ଗସ୍ତ

ଓଡ଼ିଶାରୁ ନିର୍ବାଚିତ ହୋଇଥିବା ବି.ଜେ.ପି. ସାଂସଦମାନେ ଆଜି ଦିଲ୍ଲୀ ଗସ୍ତ କରିଛନ୍ତି । ଆସନ୍ତାକାଲି ବି.ଜେ.ପି.ର ସଂସଦୀୟ ଦଳର ବୈଠକ ହେବ । ଏହି ନବ ନିର୍ବାଚିତ ସାଂସଦମାନେ ବୈଠକରେ ଯୋଗଦେବେ । ଏହାଛଡ଼ା ପ୍ରଧାନମନ୍ତ୍ରୀଙ୍କ ଶପଥଗ୍ରହଣ ଉତ୍ସବରେ ସାଂସଦମାନେ ଯୋଗଦେବେ ବୋଲି ଜଣାପଡ଼ିଛି ।

## ବିଧାନସଭା ଗଠନ–ବିଜ୍ଞପ୍ତି

ଓଡିଶାର ନୂତନ ବିଧାନସଭା ଗଠନ ସମ୍ପର୍କିତ ବିଜ୍ଞପ୍ତି ଭାରତ ନିର୍ବାଚନ ଆୟୋଗଙ୍କ ଦ୍ଵାରା ଆଜି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଓଡିଶା ରାଜପତ୍ରରେ ମଧ୍ୟ ପ୍ରକାଶିତ ହୋଇଛି। ଆଜି ଓଡିଶା ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ରାଜ୍ୟପାଳଙ୍କୁ ସାକ୍ଷାତ କରି ବିଜ୍ଞପ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଓ କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ରାଜ୍ୟପାଳ - ନିର୍ବାଚନ ଫଳାଫଳ

ରାଜ୍ୟରେ ହୋଇଥିବା ସାଧାରଣ ନିର୍ବାଚନ ଫଳାଫଳ ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ  ଆଜି ରାଜ୍ୟପାଳ ରଘୁବର ଦାସଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଶ୍ରୀ ଧଳ’ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀଙ୍କ ସହ ରାଜଭବନ ଯାଇ ରାଜ୍ୟପାଳଙ୍କୁ ନିର୍ବାଚନୀ ଫଳାଫଳ ସମ୍ପର୍କିତ ରିପୋର୍ଟ ପ୍ରଦାନ କରିଛନ୍ତି।

## ବିଧାନସଭା ଗଠନ–ବିଜ୍ଞପ୍ତି

ଓଡିଶାରେ ନୂତନ ବିଧାନସଭା ଗଠନ ସମ୍ପର୍କିତ ବିଜ୍ଞପ୍ତି ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଆଜି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଓଡିଶା ରାଜପତ୍ରରେ ମଧ୍ୟ ପ୍ରକାଶିତ ହୋଇଛି। ଓଡିଶା ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଜି ରାଜ୍ୟପାଳଙ୍କୁ ସାକ୍ଷାତ କରି ବିଜ୍ଞପ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଓ କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଏନ୍.ଡି.ଏ. ଇନିସିଏଟ୍ସ୍

କେନ୍ଦ୍ରରେ ନୂତନ ସରକାର ଗଠନ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍‌ଡିଏ ପ୍ରକ୍ରିୟା ଆରମ୍ଭ କରିଛି । ସର୍ବସମ୍ମତି କ୍ରମେ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏନ୍.ଡି.ଏ.ର ନେତା ଭାବେ ମନୋନୀତ କରିବା ପରେ ମେଣ୍ଟ ପକ୍ଷରୁ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଇଛି । ନୂଆଦିଲ୍ଲୀସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଗତକାଲି ଅନୁଷ୍ଠିତ ଏନ୍‌ଡିଏ ନେତାଙ୍କ ବୈଠକରେ ଗତ ୧୦ବର୍ଷର ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ସରକାର ଅମଳରେ ଦେଶର ବିଭିନ୍ନ କ୍ଷେତ୍ରରେ ଉନ୍ନତିକୁ ପାଥେୟ କରି ପ୍ରସ୍ତୁତ ସଂକଳ୍ପ ପାରିତ ହୋଇଛି । ପୂର୍ବଭଳି ଦେଶରେ ବିକାଶର କାର୍ଯ୍ୟକୁ ଆଗେଇନେବା ଏବଂ ବିଶ୍ୱରେ ଭାରତର ଗୌରବକୁ ବଢ଼ାଇବା ଲାଗି ଶ୍ରୀ ମୋଦୀଙ୍କ ନେତୃତ୍ୱକୁ ଏନ୍‌ଡିଏ ଦଳର ନେତାମାନେ ପୂର୍ଣ୍ଣ ସହମତି ପ୍ରଦାନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ଅମିତ ଶାହା, ତେଲୁଗୁଦେଶମ ପାର୍ଟି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ, ଜନତାଦଳ ୟୁନାଇଟେଡ୍ ମୁଖ୍ୟ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ଶିବସେନା ସିନ୍ଦେଗ୍ରୁପ୍ ନେତା ତଥା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ

ଏକନାଥ ସିନ୍ଦେ, ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ମୁଖ୍ୟ ଚିରାଗ ପାଶୱାନଙ୍କ ସମେତ ଅନ୍ୟାନ୍ୟ ସହଯୋଗୀ ଦଳର ନେତା ଉପସ୍ଥିତ ଥିଲେ ।

## ସିଏମଓରୁ ଇସ୍ତଫା

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ, ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଫିସର ସୁରେଶ ଚନ୍ଦ୍ର ମହାପାତ୍ର, ଆର.ବାଲକ୍ରିଷ୍ଣନ ଏବଂ ଆଇଟି ସଚିବ ମନୋଜ ମିଶ୍ର ଆଜି ଇସ୍ତଫା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କର ମୁଖ୍ୟ ଉପଦେଷ୍ଟା ପଦରେ ସୁରେଶ ମହାପାତ୍ର କାର୍ଯ୍ୟରତ ଥିଲେ। ସେହିପରି ସ୍ୱତନ୍ତ୍ର ଉପଦେଷ୍ଟା ପଦରୁ ଆର.ବାଲକ୍ରିଷ୍ଣନ୍ ଇସ୍ତଫା ଦେଇଛନ୍ତି। ସୂଚନାଯୋଗ୍ୟ, ଗତକାଲି ନବୀନ ପଟ୍ଟନାୟକ ରାଜଭବନକୁ ଯାଇ ରାଜ୍ୟପାଳ ରଘୁବର ଦାସଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ନିଜର ଇସ୍ତଫା ପତ୍ର ପ୍ରଦାନ କରିଥିଲେ।

## ବିଏସକେୱାଇ

ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା **ବି.ଏସ୍.କେ.ୱାଇ.** କାର୍ଯ୍ୟକ୍ଷମ ଥିବା ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି। ସେ କହିଛନ୍ତି କୌଣସି ହସ୍‌ପିଟାଲ ଏ ନେଇ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହିତାଧିକାରୀମାନେ କୌଣସି ଅସୁବିଧା ହେଲେ ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ କରିପାରିବେ।

ସେହିଭଳି ସାମାଜିକ ଗଣମାଧ୍ୟମରେ ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ କହିଛି, ଏହି ଯୋଜନାର ହିତାଧିକାରୀମାନେ ପୂର୍ବଭଳି ନଗଦ ବିହୀନ ସ୍ୱାସ୍ଥ୍ୟସେବା ପାଇପାରିବେ । ଏଥିରେ ପଞ୍ଜୀକୃତ ଡାକ୍ତରଖାନାଗୁଡ଼ିକ ହିତାଧିକାରୀମାନଙ୍କୁ ସେବା ଯୋଗାଇବା ଲାଗି ସଚେତନ କରାଯାଉଛି ।

ଡାକ୍ତରଖାନାଗୁଡ଼ିକୁ ମାଗଣା ସ୍ୱାସ୍ଥ୍ୟସେବା ଯୋଜନାରେ ସମସ୍ତ ଖର୍ଚ୍ଚ ରାଜ୍ୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରୁ ପ୍ରଦାନ କରାଯିବ।

ସୂଚନା ଅନୁସାରେ, ଗତକାଲି କେତେକ ଗଣମାଧ୍ୟମରେ ଡାକ୍ତରଖାନାଗୁଡ଼ିକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ଼ ଗ୍ରହଣ କରୁ ନ ଥିବା ନେଇ ଗୁଜବ ସୃଷ୍ଟି ହେବା ପରେ ରାଜ୍ୟ ବି.ଜେ.ପି. ସଭାପତି ମନମୋହନ ସାମଲ ଏହାକୁ ଖଣ୍ଡନ କରିଥିଲେ । ସେ କହିଥିଲେ, ନିରନ୍ତର ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ କୌଣସି ଅସୁବିଧା ସୃଷ୍ଟି ହେବ ନାହିଁ ।

## ଗ୍ରୀଷ୍ମପ୍ରବାହ ବୈଠକ

ଦେଶରେ ଗ୍ରୀଷ୍ମପ୍ରବାହ ନେଇ ପ୍ରସ୍ତୁତି ଓ ମୁକାବିଲା ପାଇଁ  କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଆଭାସୀ ଜରିଆରେ ହୋଇଥିବା ଏହି ବୈଠକରେ ଗ୍ରୀଷ୍ମର ପ୍ରଭାବରେ ହସ୍‌ପିଟାଲ୍‌ରେ ଅଗ୍ନିକାଣ୍ଡକୁ ଏଡାଇବା ପାଇଁ ଆଲୋଚନା ହୋଇଥିଲା। ଏହି ସମୟରେ ରୋଗୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା।  ବୈଠକରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ହାଇକୋର୍ଟ - ଇ-ଫାଇଲିଂ

ଓଡ଼ିଶା ହାଇକୋର୍ଟରେ ଇ-ଫାଇଲିଂ ନିୟମାବଳୀ-୨୦୨୪ ଆସନ୍ତା ପହିଲାରୁ କାର୍ଯ୍ୟକାରୀ ହେବ। ଏନେଇ ହାଇକୋର୍ଟଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସେହି ସମୟରୁ ଜିଲ୍ଲାକୋର୍ଟ ଏବଂ କ୍ରିମିନାଲ୍ କୋର୍ଟଗୁଡ଼ିକରେ ମଧ୍ୟ ଇ-ଫାଇଲିଂ ବ୍ୟବସ୍ଥା ଆରମ୍ଭ ହେବ। ଏହି ପ୍ରକ୍ରିୟାରେ ଆବେଦନକାରୀ ଅନ୍‌ଲାଇନ୍ ଜରିଆରେ ଆବଶ୍ୟକ ତଥ୍ୟ ସହ କେସ୍ ଦାଏର୍ କରିପାରିବେ ।

## ଡୁଆଲ୍ ଡିଗ୍ରୀ ଡକ୍ଟରେଟ୍

ଆଇଆଇଏମ୍ ସମ୍ବଲପୁରରେ ଦୁଇଟି ଡିଗ୍ରୀ ଡକ୍ଟରେଟ୍ କାର୍ଯ୍ୟକ୍ରମ ପାଇଁ ଆବେଦନପତ୍ର ଆହ୍ୱାନ କରାଯାଇଛି। ଏକ୍‌ଜିକ୍ୟୁଟିଭ୍ ପିଏଚ୍‌ଡି ଏବଂ ଡିବିଏ ପ୍ରୋଗ୍ରାମ୍ ଫ୍ରାନ୍ସର ଆଇଏଇ ବୋର୍ଡ ୟୁନିଭରସିଟି ସ୍କୁଲ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ସହଯୋଗିତାରେ କରାଯାଉଛି। ୩ ବର୍ଷିଆ ଦୁଇଟି ଡ୍ରିଗୀ ପ୍ରୋଗ୍ରାମ ବିଶେଷ ଭାବରେ କାର୍ଯ୍ୟରତ ପେସାଦାରଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ଉନ୍ନତ ଶୈକ୍ଷିକ ଯୋଗ୍ୟତା, ଅଭିନବତାକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ କ୍ୟାରିଅର୍‌ରେ ବାଧା ସୃଷ୍ଟି ନ କରି ଡକ୍ଟରେଟ୍ ଡିଗ୍ରୀ ହାସଲ କରିବା ପାଇଁ ଏହା ସହାୟକ ହେବ। ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ ଜୁନ୍ ୧୫ ତାରିଖ ଧାର୍ଯ୍ୟ କରାଯାଇଛି।

## ଫଳରସ ବିଜ୍ଞାପନ

ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଫଳରସ ପ୍ୟାକେଟ୍ ଓ ବିଜ୍ଞାପନରୁ ଶତ ପ୍ରତିଶତ ଫଳରସ ଶବ୍ଦ ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ସମସ୍ତ ରାଜ୍ୟର ଖାଦ୍ୟ କମିଶନର୍‌ମାନଙ୍କୁ ପ୍ରାଧିକରଣ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାରଣ କଲ୍ୟାଣ ମନ୍ତ୍ରଣାଳୟ ଚଳିତ ବର୍ଷ ସେପ୍ଟେମ୍ବର ପହିଲା ପୂର୍ବରୁ ଶତ ପ୍ରତିଶତ ଫଳରସ ଲେଖାଥିବା ପ୍ୟାକେଟ୍‌ଗୁଡ଼ିକର ବ୍ୟବହାର ସାରିବାକୁ କହିଛି । କେତେକ ଫଳରସ ପ୍ରସ୍ତୁତକାରୀ କମ୍ପାନୀର ସାମଗ୍ରୀ ପରୀକ୍ଷଣ କରାଯିବା ପରେ ଏଭଳି ଦାବି କରିବାର କୌଣସି ବ୍ୟବସ୍ଥା ନାହିଁ ବୋଲି ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ସ୍ପଷ୍ଟ କରିଛି ।

## ସାବିତ୍ରୀ ବ୍ରତ

ସାବିତ୍ରୀ ବ୍ରତ ପାଇଁ ଆଜି ମହିଳାମାନେ ସ୍ୱାମୀଙ୍କର ଦୀର୍ଘ ଜୀବନ କାମନା କରି ଏହି ବ୍ରତ ପାଳନ କରୁଛନ୍ତି । ଏହି ଉପଲକ୍ଷେ ବିଭିନ୍ନ ମନ୍ଦିରରେ ସକାଳୁ ମହିଳାମାନେ ପୂଜାର୍ଚ୍ଚନା କରିଛନ୍ତି।

ଏହି ଅବସରରେ **ରାଜ୍ୟପାଳ** ରଘୁବର ଦାସ ଶୁଭେଚ୍ଛା ଜଣାଇ କହିଛନ୍ତି, ଅଖଣ୍ଡ ସୌଭାଗ୍ୟ, ଅତୁଟ ବିଶ୍ୱାସ ଓ ନାରୀ ଇଚ୍ଛାଶକ୍ତିର ପ୍ରତୀକ ହେଉଛି ସାବିତ୍ରୀ ପର୍ବ । ସମସ୍ତ ମା' ଭଉଣୀଙ୍କ ମନସ୍କାମନା ପୂର୍ଣ୍ଣ ହେଉ ବୋଲି ରାଜ୍ୟପାଳ କାମନା କରିଛନ୍ତି ।

## ଲେବଲ୍ କ୍ରସିଂ ଦିବସ

ସଡକ ବ୍ୟବହାରକାରୀଙ୍କ ମଧ୍ୟରେ ଲେବଲକ୍ରସିଂ ସୁରକ୍ଷା ବିଷୟରେ ସଚେତନ ବୃଦ୍ଧି କରିବା ଏବଂ ଦୁର୍ଘଟଣା ଏଡାଇବା ନେଇ ଖୋର୍ଦ୍ଧାରୋଡ୍ ମଣ୍ଡଳ ପକ୍ଷରୁ ଅନ୍ତର୍ଜାତୀୟ ଲେବଲ୍ କ୍ରସିଂ ସଚେତନତା ଦିବସ ପାଳନ କରାଯାଇଛି। ଏହି ଅବସରରେ ଲେବଲ୍ କ୍ରସିଂ ଗେଟ୍‌ଠାରେ ଜନ ପରାମର୍ଶ, ଲିଫ୍‌ଲେଟ୍ ବଣ୍ଟନ  ପୋଷ୍ଟର ପ୍ରଦର୍ଶନ ଆଦି କରାଯାଇଥିଲା।

## ଶୀତଳଷଷ୍ଠୀ

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଆଜି ପତରପେଣ୍ଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନନ୍ଦପଡାର ବମ୍‌ବରାଡ ବାବା ବାଲୁଙ୍କେଶ୍ୱର ବାବାଙ୍କର ପତରପେଣ୍ଡି କାର୍ଯ୍ୟ ଆଜି ହେବ। ଆସନ୍ତାକାଲି ଦେବ ନିମନ୍ତ୍ରଣ ରହିଛି। ସେହିପରି ଝାଡୁଆପଡା ଏବଂ ମୋଦୀପଡାର ପତ୍ରପେଣ୍ଡି ୮ ତାରିଖ ଦିନ ହେବ ବୋଲି ଜଣାପଡିଛି। ଆସନ୍ତକାଲି ନନ୍ଦପଡାରେ ଦେବ ନିମନ୍ତ୍ରଣ

କାର୍ଯ୍ୟକ୍ରମ ଥିବାବେଳେ ମୋଦୀପଡା ଓ ଝାଡୁଆପଡାରେ ୯ ତାରିଖ ଦିନ ଦେବ ନିମନ୍ତ୍ରଣ କରାଯିବା ନେଇ କାର୍ଯ୍ୟସୂଚୀ ଧାର୍ଯ୍ୟ କରାଯାଇଛି ।

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ କରିବାକୁ ଜିଲ୍ଲା ପ୍ରଶାସନର ସହଯୋଗରେ ବିଭିନ୍ନ ପଡାର ଯାତ୍ରା କମିଟି ସଦସ୍ୟମାନଙ୍କ ସହିତ ଏକ ସମନ୍ୱୟ କମିଟି ବୈଠକ  ହୋଇଯାଇଛି । ଝାଡୁଆପଡା ଯାତ୍ରାରେ ୨୩ ଶହ କଳାକାର ମଦୀପଡା ଏବଂ ନନ୍ଦୀପଡା ଯାତ୍ରାରେ ୨୫ ଶହ ଲେଖାଏଁ କଳାକାର ଅଂଶଗ୍ରହଣ କରିବେ ବୋଲି ଶୀତଳଷଷ୍ଠୀ ଯାତ୍ରା ସମନ୍ୱୟ କମିଟି ପକ୍ଷରୁ ବୈଠକରେ ସୂଚନା ଦିଆଯାଇଛି । ମୁଖ୍ୟ ଶୋଭାଯାତ୍ରାରେ ଶ୍ରୀଲଙ୍କାର କଳାକାରମାନେ ମୁଖ୍ୟ ଆକର୍ଷଣ ପାଲଟିବେ ବୋଲି କମିଟି ପକ୍ଷରୁ କୁହାଯାଇଛି ।

ଚଳିତମାସ ୧୦ ତାରିଖ ଦିନ ଶୀତଳଷଷ୍ଠୀ ଯାତ୍ରାର ମୁଖ୍ୟ ଆକର୍ଷଣ ଶିବ ବିବାହ, ୧୧ ତାରିଖ ଦିନ ନଗର ପରିକ୍ରମା ଏବଂ ୧୨ ତାରିଖ ଦିନ ଦେବ ଦମ୍ପତ୍ତିଙ୍କଙ୍କର ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି ।

ସୂଚନାଯୋଗ୍ୟ, ପୂର୍ବରୁ ସମ୍ବଲପୁରର ଶୀତଳଷଷ୍ଠୀ ଯାତ୍ରାରେ ନନ୍ଦପଡାର ବମ୍ବରାଡ ବାବା ବାଲୁକେଶ୍ୱର ଝାଡୁଆପଡାର ଲୋକନାଥ ବାବା, ମୋଦୀପଡାର ଜାଗେଶ୍ୱର ବାବାଙ୍କ ଥାଳଉଠା ପର୍ବ ସମାପନ ହୋଇଛି ।

## ପାଣିପାଗ

କାଳବୈଶାଖୀର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଯାଇଛି । ଆସନ୍ତା ୫ ଦିନ ପର୍ଯ୍ୟନ୍ତ କେତେକ ସ୍ଥାନରେ ବର୍ଷା ହେବାର

ସମ୍ଭାବନା ଥିବା ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡଘଡି ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପକ୍ଷରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆସନ୍ତା ୨ ରୁ ୩ ଦିନ ମଧ୍ୟରେ ଓଡ଼ିଶା ପ୍ରବେଶ ପାଇଁ ପାଗ ଅନୁକୂଳ ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ରାଜ୍ୟର କେତେକ ସ୍ଥାନରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଆସନ୍ତାକାଲି ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବା ନେଇ ବରଗଡ଼, ବଲାଙ୍ଗିର ଓ ନୂଆପଡା ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

ରାଜ୍ୟର ୯ଟି ସ୍ଥାନରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ଥିଲା। ବଲାଙ୍ଗିରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।

*********************************